**ବାଣିଜ୍ୟକର ଏବଂ ଜିଏସଟି କମିଶନର, ଓଡିଶା, କଟକ**

**ପ୍ରେସ ଇସ୍ତାହାର**

**ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ୫୧୦ କୋଟି ଟଙ୍କାର ଜାଲ ବିଲ ରାକେଟର ପର୍ଦ୍ଦାଫାଶ**

**ମାଷ୍ଟରମାଇଣ୍ଡ ଗିରଫ**

**କଟକ :** ଓଡିଶା ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ଜାଲ ବିଲ ର ।କେଟର ବିରୁଦ୍ଧରେ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନ ଫଳରେ ଗତକାଲି (୩୧.୧୨.୨୦୨୦) ରାତିରେ ୫୧୦.୨୮ କୋଟି ଟଙ୍କାର ଏକ ଜାଲ ବିଲ ରାକେଟର ପର୍ଦ୍ଦାଫାଶ ଘଟିଛି । ଏହି ରାକେଟରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ଶ୍ରୀ ସନ୍ଦିପ ମହାନ୍ତିଙ୍କୁ ଗିରଫ କରାଯାଇଛି । ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି ।

୨୨ ଗୋଟି ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ସୃଷ୍ଟି କରିବା ସହ ସେଗୁଡିକୁ ପରିଚାଳନା କରି ୧୬୬ କୋଟି ଟଙ୍କାର ଜାଲ କିଣା ବିଲ ମାଧ୍ୟମରେ ଶ୍ରୀ ସନ୍ଦିପ ମହାନ୍ତିଙ୍କୁ ୨୭.୨୧ କୋଟି ଟଙ୍କାର ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ହାତେଇଥିବା ବେଳେ ୩୪୪ କୋଟି ଟଙ୍କାର ଜାଲ ବିଲ ମାଧ୍ୟମରେ ୬୧.୭୯ କୋଟି ଟଙ୍କାର ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

ଯଦି ଏହି ରାକେଟ ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ଠିକଣା ସମୟରେ ଠାବ ହୋଇ ନଥାନ୍ତା ତେବେ ରାଜ୍ୟ ରାଜସ୍ୱର ପ୍ରଭୂତ କ୍ଷତି ଘଟିଥାନ୍ତା । ଅନୁସନ୍ଧାନରୁ ଜଣା ଯାଇଛି ଯେ ଏହି ମାଷ୍ଟରମାଇଣ୍ଡ ଜଣକ ଆଉ କେତେକ ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ସୃଷ୍ଟିକରି ସେଗୁଡିକ ମାଧ୍ୟମରେ ଜାଲ ବିଲ ଜାରି କରିବା ସହ ITC ଆତ୍ମସାତ କରିବାକୁ ଯୋଜନା କରିଥିଲେ । ଏହି ନକଲି ଫାର୍ମ ଗୁଡିକର ପଞ୍ଜିକରଣକୁ ତୁରନ୍ତ ରଦ୍ଦ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ କୁହାଯାଇଛି ।

ଓଡିଶା ଜିଏସଟି ଆଇନ ୨୦୧୭ ର ଧାରା 132(1)(c), 132(1)(b), 132(1)(l) ଓ ୧୩୨(୫) ଅନୁଯାୟୀ ସେମାନଙ୍କ ଏହି ଅପରାଧ ଏକ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଏବଂ 132(1)(i) ଧାରା ଅନୁଯାୟୀ ଦଣ୍ଡନୀୟ ।

ଉପରୋକ୍ତ ୨୨ ଗୋଟି ନକଲି ଫାର୍ମ ଦ୍ୱାରା କରା ଯାଇଥିବା ଠକାମି ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ତଥ୍ୟ ବିଶ୍ଳେଷଣ ଓ ଗୁଇନ୍ଦା ସୂତ୍ରକୁ ଆଧାର କରି ନଭେମ୍ବର ୨୦୨୦ ରେ ରାଜ୍ୟବ୍ୟାପୀ ଚଢଉ ଅଭିଯାନ ଆରମ୍ଭ କରାଯାଇଥିଲା । ପ୍ରାୟ ୧୦୦ ରୁ ଉର୍ଦ୍ଧ ଜାଲ ତଥା ଭୁତ ଫାର୍ମ ସାମ୍ନାକୁ ଆସିଥିଲା । ଏହି ଫାର୍ମ ଗୁଡିକ ଦେବଗଡ , ବଲାଙ୍ଗିର, ଖୋର୍ଦ୍ଧା, ରାଉରକେଲା, ଜଗତସିଂଘପୁର, ଢେଙ୍କାନାଳ, ଭୁବନେଶ୍ୱର, କଟକ, ପୁରୀ ଆଦି ସ୍ଥାନର ବେକାର ଯୁବକ , ଗୃହିଣୀ, କୃଷକ , ବରିଷ୍ଠ ନାଗରିକ ଏବଂ ଦିନ ମଜୁରିଆଙ୍କ ନାମରେ କରାଯାଇଥିବା ଜଣା ପଡିଥିଲା ।

ଏକ ସୁଚିନ୍ତିତ ଯୋଜନାବଦ୍ଧଭାବେ ଏହି ମାଷ୍ଟରମାଇଣ୍ଡ ଶ୍ରୀ ମହାନ୍ତି ନିଜର ଟିକସ ଫାଙ୍କି କାର୍ଯ୍ୟକଳାପ ଚଳାଇଥିଲେ । ଏଭଳି କାରବାରରେ ଆଇଟିସି ହାତେଇବା ଉଦେଶ୍ୟ ବ୍ୟତୀତ ଟିକସ ଫାଙ୍କି , ବ୍ୟାଙ୍କ ଋଣ ଘୋଟାଲା , ବେଆଇନ ନଗଦ କାରବାର ଓ ହାୱାଲ କାରବାର ଚଳାଇବା ମୁଖ୍ୟ ଉଦ୍ଦେଶ୍ୟ । ଜିଏସଟି ଆଇନ ଅଧିନସ୍ଥ ପଞ୍ଜୀକରଣ କାର୍ଯ୍ୟରେ ଥିବା କୋହଳ ବ୍ୟବସ୍ଥାର ମନ ଇଚ୍ଛା ଫାଇଦା ଉଠାଇବାକୁ ଚେଷ୍ଟା ଚଳାଇଥିଲେ ମାଷ୍ଟରମାଇଣ୍ଡ । ଦେଶବ୍ୟାପୀ ଏପରି ଘୋଟାଲାକୁ

ଲକ୍ଷ୍ୟ କରି ସରକାରଙ୍କ ଦ୍ୱାରା  ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସୁସଙ୍ଗଠିତ କରିବା ଉଦ୍ଦେଶ୍ୟରେ ଏଥିସହ କ୍ଷେତ୍ରିୟ ଅନୁସନ୍ଧାନ ଓ ଆଧାର କାର୍ଡ କୁ ଯୋଡା ଯାଇଛି ।

ବର୍ତ୍ତମାନ ଶୁଦ୍ଧା ୧୭ ଜଣ ଠକ ବ୍ୟବସାୟୀଙ୍କୁ ଗିରଫ କରାଯିବ ସହ ପ୍ରାୟ ୫୨୧୦ କୋଟି ଟଙ୍କାର ଜାଲ ବିଲ ରାକେଟରେ ସେମାନଙ୍କ ସମ୍ପୃକ୍ତି ସାମନାକୁ ଅଣାଯାଇ ପାରିଛି । ସେହିପରି ୯୭୦ କୋଟି ଟଙ୍କାର ଜାଲ ଆଇଟିସି ସେମାନଙ୍କ ମାଧମରେ ହସ୍ତାନ୍ତର ହୋଇଥିବା ଜଣାଯାଇଛି । ପୁନଶ୍ଚ ରାଜ୍ୟ ଜିଏସଟି ବିଭାଗ ଦ୍ୱାରା ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୧୯୫୩୯ ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଛି । ରିଟର୍ନ ଦାଖଲ କରି ନଥିବା ହେଉ ଅଥବା କ୍ଷେତ୍ରିୟ ଅନୁସନ୍ଧାନରେ ଏଗୁଡିକ ଭୁତ ବ୍ୟବସାୟୀକ ପ୍ରତିଷ୍ଠାନ ଜଣା ପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ରାଜ୍ୟ ଜିଏସଟି କମିସନରେଟ ତରଫରୁ ସ୍ୱଷ୍ଟ ସନ୍ଦେଶ ଦିଆଯାଇଛି ଯେ କୌଣସି ଲୋକ ନିଜର ପରିଚୟ ପତ୍ର ସମ୍ପର୍କିତ କାଗଜ ପତ୍ର କାହାରିକୁ ପ୍ରଦାନ କରନ୍ତୁ ନାହିଁ । ଯଦି କେହି ଏପରି କରିଥାନ୍ତି ତେବେ ସେମାନେ ତୁରନ୍ତ ରାଜ୍ୟ ଜିଏସଟି କମିସନରେଟଙ୍କୁ ଜଣାନ୍ତୁ, ଯାହା ଫଳରେ ଏଗୁଡ଼ିକର ଅପବ୍ୟବହାର କୁ ରୋକିହବ । ପୁନଶ୍ଚ ସେମାନଙ୍କ ବ୍ୟକ୍ତିଗତ କାଗଜପତ୍ର ଅପବ୍ୟବହାର ହେଉଥିବା ଅନୁଭବ କରନ୍ତି ତେବେ ସେମାନେ ତୁରନ୍ତ ନିକଟସ୍ଥ ଜିଏସଟି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି  ।

***